

# ଜୀବନ କଥା

"Jibana Katha" Cuttack Centre, KFI Odia Newsletter

ସେପ୍ଟେମ୍ବର - ଡିସେମ୍ବର, ୨୦୧୪

ପରେ ପରେ...

ଉଚ୍ଚାଭିଳାଷ ପୃ : ୧

କ୍ରିଷ୍ଣମୂର୍ତ୍ତିଙ୍କ ଡାଏରୀରୁ ପୃ : ୩

ଜେ. କ୍ରିଷ୍ଣମୂର୍ତ୍ତିଙ୍କ ସ୍ମୃତିରୁ କିଛି ପୃ : ୪

## ଉଚ୍ଚାଭିଳାଷ

ଆମେ ଶୁଣିଛୁ ଯେ ଲୋକେ କହନ୍ତି ଉଚ୍ଚାକାଂକ୍ଷା ବିନା ଆମେ କିଛି ହେଲେ କରି ପାରିବା ନାହିଁ। ଆମର ସ୍କୁଲ ପ୍ରଭୃତିରେ, ଆମର ସାମାଜିକ ଜୀବନରେ, ଆମର ପାରସ୍ପରିକ ସମ୍ପର୍କରେ, ଆମେ ଜୀବନରେ ଯାହା ବି କରୁ ସବୁଥିରେ ଆମେ ବୋଧ କରୁ ଯେ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ହାସଲ କରିବା ଲାଗି– ତାହା ବ୍ୟକ୍ତିଗତ ହେଉ କି ଦଳଗତ ହେଉ କି ସାମାଜିକ ହେଉ ଅଥବା ଦେଶ ସକାଶେ ହେଉ– ଉଚ୍ଚାକାଂକ୍ଷା ରହିବା ଜରୁରୀ। 'ଉଚ୍ଚାକାଂକ୍ଷା' ଶବ୍ଦଟିର ଅର୍ଥ କ'ଣ ତମେ ଜାଣିଛ ? ଏକ ଲକ୍ଷ୍ୟ ସାଧନ କରିବା, ସ୍ପୃହା ଲାଭ କରିବା, ବ୍ୟକ୍ତିଗତ ସ୍ପୃହା ଲାଭ କରିବା; ଏହା ଏହି ଅନୁଭବ ଯେ– ବିନା ସଂଗ୍ରାମରେ, ବିନା ପ୍ରତିଯୋଗିତାରେ, ଠେଲା ପେଲା ନ କରି ତମେ ଏ ସଂସାରରେ କିଛି କାମ କରି ପାରିବ ନାହିଁ। ଦୟାକରି ତମ ନିଜକୁ ତଥା ତମର ଆଖ ପାଖର ଲୋକମାନଙ୍କୁ ଚାହିଁ ଦେଖ, ତେବେ ତମେ ଦେଖିପାରିବ ଲୋକେ କେଡ଼େ ଉଚ୍ଚାକାଂକ୍ଷୀ। କିରାଣୀଟିଏ ଚାହେଁ ସେ କିପରି ମାନେଜର ହେବ, ମାନେଜର ଚାହେଁ ସେ କିପରି ତା ଉପର ହାକିମ ବନିବ, ମନ୍ତ୍ରୀ ଚାହେଁ ସେ ପ୍ରଧାନମନ୍ତ୍ରୀ ହେବ, ଲେଫଟ୍‌ନାଣ୍ଟ ଚାହେଁ ସେ ଜେନେରାଲ ବନିଯିବ। ଏମିତି କରି ପ୍ରତ୍ୟେକେ ନିଜ ନିଜର ଉଚ୍ଚାକାଂକ୍ଷାକୁ ଧରିଥାନ୍ତି। ସ୍କୁଲମାନଙ୍କରେ ମଧ୍ୟ ଆମେ ଏଇ ଅନୁଭବଟିକୁ ଉତ୍ସାହିତ କରାଇଥାଉ। ଛାତ୍ରଛାତ୍ରୀଙ୍କୁ ପ୍ରତିଯୋଗିତା କରିବା ଲାଗି, ଜଣକୁ ଅନ୍ୟ ଜଣକଠାରୁ ଅଧିକ ଭଲ ହେବା ଲାଗି ଆମେ ପ୍ରବର୍ତ୍ତାଇ ଥାଉ।

ଆମର ଏ ଯେତକ ତଥାକଥିତ ପ୍ରଗତି, ସେ ସବୁ ଉଚ୍ଚାକାଂକ୍ଷା ଉପରେ ପ୍ରତିଷ୍ଠିତ। ତମେ ଯଦି ଚିତ୍ର ଆଙ୍କିବ ତ, ଅନ୍ୟ ଯେକୌଣସି ଲୋକଠାରୁ ଯଥେଷ୍ଟ ଭଲ କରି ଆଙ୍କିବା ଦରକାର; ତମେ ଯଦି ଏକ ଭାବମୂର୍ତ୍ତି ଗଢ଼ିବ ତ, ତାକୁ ଅନ୍ୟ ଯେ କୌଣସି ଲୋକର ଗଢ଼ା ଭାବମୂର୍ତ୍ତିଠାରୁ ଅଧିକ ଭଲ କରି ଗଢ଼ିବ; ଏହିପରି ଭାବରେ ଅନବରତ ସଂଘର୍ଷଟି ଲାଗି ରହିଥାଏ। ଏହି ପ୍ରକ୍ରିୟାରେ କଣ ହୁଏ ନା ତମେ ଅତ୍ୟନ୍ତ କ୍ରୂର, ନିର୍ଦ୍ଦୟ ହୋଇଉଠ। ଯେହେତୁ ତମେ ଏକ ଲକ୍ଷ୍ୟ ହାସଲ କରିବାକୁ ଚାହୁଁଥାଅ, ତେଣୁ ତମେ ତମ ଦଳରେ, ତମ କ୍ଲାସରେ, ତମ ଦେଶରେ ନିର୍ଦ୍ଦୟ, କ୍ରୂର ଭାବନାଶୂନ୍ୟ ହୋଇଉଠ।

ଉଚ୍ଚାକାଂକ୍ଷାଟା ପ୍ରକୃତରେ ଏକ ଧରଣର କ୍ଷମତା, ମୋ ନିଜ ଉପରେ ତଥା ଅନ୍ୟମାନଙ୍କ ଉପରେ କ୍ଷମତା ବିସ୍ତାରର କାମନା; ଅନ୍ୟ କାହାରିଠାରୁ କିଛି ଅଧିକ ଭଲ ଭାବରେ କରି ପାରିବାର କ୍ଷମତା। ଉଚ୍ଚାକାଂକ୍ଷାରେ ଏକ ପ୍ରକାର ତୁଳନାତ୍ମକ ଭାବ ରହିଥାଏ; ଆଉ ସେଥିପାଇଁ ଉଚ୍ଚାଭିଳାଷୀ ବ୍ୟକ୍ତିଟି ବାସ୍ତବରେ କେବେ ସୃଜନଶୀଳ ବ୍ୟକ୍ତିଟିଏ ହୋଇ ପାରେ ନାହିଁ, କି ଜଣେ ଆନନ୍ଦିତ ବ୍ୟକ୍ତି ହୋଇପାରେ ନାହିଁ; କାରଣ ନିଜ ଭିତରେ ସେ ନିଜେ ଅସୁଖୀ ରହିଥାଏ। ହେଲେ ସୁଦ୍ଧା ଆମେ ଭାବୁ ଯେ ଉଚ୍ଚାକାଂକ୍ଷା ବିନା ଆମେ କିଛି ହୋଇ ପାରିବୁ ନାହିଁ, ଆମର ପ୍ରଗତି ହେବ ନାହିଁ।

ତେବେ ବିନା ଉଚ୍ଚାଭିଳାଷରେ କାର୍ଯ୍ୟ କରିବାର କୌଣସି ଭିନ୍ନ ବାଟ

## କାର୍ଯ୍ୟକ୍ରମ ସମ୍ବନ୍ଧରେ...

ପ୍ରତ୍ୟେକ ମାସର ପ୍ରଥମ, ତୃତୀୟ ଓ ପଞ୍ଚମ ରବିବାର ଦିନ ଗୁଡ଼ିକରେ ଏଠାରେ ସକାଳ ୯: ୩୦ ରେ ନିୟମିତ ରୂପେ Group Discussion ମାନ ଅନୁଷ୍ଠିତ ହୋଇଥାଏ। ଏହି ଅବସରରେ ପାଠକମାନେ ଜେ. କ୍ରିଷ୍ଣମୂର୍ତ୍ତିଙ୍କ ଲେଖାକୁ ବୁଝିବାରେ ନିଜ ନିଜର ଅସୁବିଧାମାନ ଉପସ୍ଥାପିତ କରି ତାହାକୁ ଦୂର କରିବାରେ ପରସ୍ପର ମଧ୍ୟରେ ଆଲୋଚନା କରିଥା'ନ୍ତି। ଏହି ସୁଯୋଗର ସୁବିଧା ନେବା ନିମନ୍ତେ ସମସ୍ତ ପାଠକଙ୍କୁ ଏହି ଅନୁଷ୍ଠାନ ସାଦର ନିମନ୍ତ୍ରଣ ଜଣାଉଛି।

ରହିଛି କି ? ବଞ୍ଚିବାର କୌଣସି ଭିନ୍ନ ବାଟ, କାମ କରିବାର, ଗଢ଼ି ତୋଳିବାର, ଉଦ୍ଭାବନ କରିବାର କୌଣସି ଭିନ୍ନ ବାଟ ରହିଛି କି ? ପ୍ରତିଯୋଗିତାର ଏ ଯେଉଁ ସଂଘର୍ଷ, ଯେଉଁଥିରେ କି ନିର୍ଦ୍ଦୟତା ରହିଛି ଓ ଯାହା ପରିଶେଷରେ ଯୁଦ୍ଧରେ ସମାପ୍ତ ହେଉଛି– ତା ବିନା କୌଣସି ଭିନ୍ନ ପଥ ରହିଛି କି ? ମୋର ମନେହୁଏ, ହଁ, ଏକ ଭିନ୍ନ ପଥ ରହିଛି । କିନ୍ତୁ ସେ ପଥ ଲାଗି ଲୋଡ଼ା ଏଭଳି କିଛି କରିବା ଯାହା କି ଭାବନାର ସକଳ ପ୍ରତିଷ୍ଠିତ ରୀତିନୀତି ଠାରୁ ବିପରୀତବୋଧକ ହୋଇଥିବ । ଆମେ ଯେତେବେଳେ କୌଣସି ଫଳାଫଳ ଖୋଜି ହେଉ ସେତେବେଳେ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ହୁଏ ସେଇ ଫଳାଫଳଟି,– ଯାହା ଆମେ କରୁଥାଉ ସେ କାମଟି ନୁହେଁ । ଆମେ ଯାହା କରୁଛୁ ତାର ଫଳାଫଳ କଣ ହେବ, ତାହା ଆମକୁ କଣ ଦେବ, ବା ଆମର କି ନାମ, କି ଖ୍ୟାତି ମିଳିବ ସେଥିପ୍ରତି ଖାତିର ନ କରି ତାହାକୁ ବୁଝିବା ଓ କରୁଥିବା ଜିନିଷଟିକୁ ଭଲ ପାଇବା ସମ୍ଭବ କି ?

ସଫଳତା ହେଉଛି ଲୋଭୀ, ଅଧିକାରପ୍ରବଣ ସମାଜର ଏକ ଉଦ୍ଭାବନ । ଆମେ– ଆମେ ପ୍ରତ୍ୟେକେ, ବଡ଼ ହେବା ସଙ୍ଗେ ସଙ୍ଗେ, କେଉଁ ଜିନିଷଟି କରିବାକୁ ଭଲପାଉ, ସେକଥା ଖୋଜି ପାଇ ପାରିବା କି ? ସେ କାମ ଜୋତା ସିଲାଇ କରିବା ହେଉ କି ମୋଚି କାମ କରିବା ହେଉ କି କୌଣସି ସେତୁ ଗଢ଼ିବା କାମ ହେଉ କିମ୍ବା ଜଣେ ଦକ୍ଷ, କର୍ମଠ ଶାସକ ହେବା ହେଉ ! ତାହା ଆମକୁ କ'ଣ ଆଣିଦେବ ବା ଏହି ଦୁନିଆକୁ କି ଅବଦାନ ଦେବ ସେକଥା ଖିଆଲ ନ କରି, ଖାସ୍ କାମଟିରେ ଆମେ ଶ୍ରଦ୍ଧା ରଖିପାରିବା କି ? ଆମେ ଯଦି ସେହି ଉତ୍ସାହ, ସେହି ଅନୁଭବଟିକୁ ବୁଝି ପାରିବା, ତା ହେଲେ ମୋ ମତରେ କାର୍ଯ୍ୟଟି ଆଉ ଦୁଃଖ ଯନ୍ତ୍ରଣା ସୃଷ୍ଟି କରିବ ନାହିଁ– ଯାହା କି ସେ ବର୍ତ୍ତମାନ କାଳ କରୁଛି– ତା ହେଲେ ଆମେ ଆଉ ପରସ୍ପର ସହିତ ସଂଘର୍ଷ କରି ଚାଲିବା ନାହିଁ । କିନ୍ତୁ ଆମେ କ'ଣ କରିବାକୁ ପ୍ରକୃତରେ ଭଲ ପାଉ ସେ କଥାଟି ଖୋଜି କାଢ଼ିବା ବଡ଼ କଷ୍ଟକର, କାରଣ ତମଠାରେ ଯେ କାହିଁ କେତେ ପରସ୍ପର ବିରୋଧୀ ଅଦମ୍ୟ ସ୍ପୃହାମାନ ରହିଥାଏ । ଗୋଟିଏ ଇଞ୍ଜିନକୁ ପ୍ରବଳ ବେଗରେ ଗତି କରିବାର ଦେଖିଲେ ତମେ ଇଞ୍ଜିନ-ଡ୍ରାଇଭର ହେବାକୁ ଇଚ୍ଛା କର । ତମେ ଛୋଟ ଥିବାବେଳେ ଇଞ୍ଜିନରେ ଏକ ଅଭୂତପୂର୍ବ ସୌନ୍ଦର୍ଯ୍ୟ ଅନୁଭବ କର । କଥାଟାକୁ କେବେ ଲକ୍ଷ୍ୟ କରି ଦେଖିଛ କି ନାହିଁ ମୁଁ ଜାଣେ ନା । କିନ୍ତୁ ଧୀରେ ଧୀରେ ସେ ଅବସ୍ଥାଟି ଅତିକ୍ରମ କରିଯାଏ ଆଉ ତମେ ଜଣେ ବକ୍ତା କି ଭାଷଣଦାତା କି ଲେଖକ ବା ଇଞ୍ଜିନିଅର ହେବାକୁ ମନ ବଳାଅ; ଆଉ ତା ପରେ ସେତକ ବି ଅତିକ୍ରମ କରିଯାଏ । କ୍ରମଶଃ ଆମର ଏହି କଦର୍ଯ୍ୟ ଶିକ୍ଷା ପଦ୍ଧତି ଚାଲିଥିବା ହେତୁ ତମେ ଏକ ନିର୍ଦ୍ଦିଷ୍ଟ ପଥରେ ଏକ ନିର୍ଦ୍ଦିଷ୍ଟ ଗହ୍ୱର ମଧ୍ୟକୁ ଗତି କରିବାକୁ ବାଧ୍ୟ ହୁଅ । ଫଳରେ ତମେ ଜଣେ କିରାଣୀ କିମ୍ବା ଓକିଲ କିମ୍ବା ଖଳବୁଦ୍ଧି-ସମ୍ପନ୍ନ ବ୍ୟକ୍ତି ହୋଇ ବାହାରି ଆସ; ଆଉ ସେଇ କାମରେ ତମେ ଜୀବନ ବିତାଅ, ପ୍ରତିଯୋଗିତା କର; ତମେ ଉଚ୍ଚାଭିଳାଷୀ ହୁଅ, ତମେ ସଂଘର୍ଷ କର ।

**ଖେଳ ଛାଡ଼... ବଡ଼ ମଣିଷ କିପରି ହେବୁ ଏବେଠୁ ଭାବିବା ଆରମ୍ଭ କର।**



ଉଚ୍ଚାକାଂକ୍ଷାରେ ଏକ ପ୍ରକାର ତୁଳନାର ଭାବ ରହିଥାଏ; ଆଉ ସେଥିପାଇଁ ଉଚ୍ଚାଭିଳାଷୀ ବ୍ୟକ୍ତିଟି ବାସ୍ତବରେ କେବେ ସୃଜନଶୀଳ ବ୍ୟକ୍ତି ହୋଇ ପାରେ ନାହିଁ, କେବେ ଜଣେ ଆନନ୍ଦିତ ବ୍ୟକ୍ତି ହୋଇପାରେ ନାହିଁ; ନିଜ ଭିତରେ ସେ ନିଜେ ଅସୁଖୀ ରହିଥାଏ ।

ତମେ ସବୁ ଛୋଟ ପିଲା ଥାଉ ଥାଉ– ବିଶେଷ କରି ଏଠାଭଳି ଏକ ସ୍କୁଲରେ– ଶିକ୍ଷାର କାମ ନୁହେଁ କି ତାହା ତମ ପ୍ରତ୍ୟେକଙ୍କଠାରେ ଏଭଳି ବୁଦ୍ଧିମତ୍ତା କାଢ଼ିବାରେ ସାହାଯ୍ୟ କରିବ ଯାହାକି ତମକୁ ତମର ଅନ୍ତରକୁ ସୁହାଇଲା ଭଳି ଚାକିରିଟିଏ ପାଇବାକୁ ଦେବ ଯାହା କରିବା ଲାଗି ତମକୁ ଭଲ ଲାଗୁଥିବ ଓ ତମେ ତାହା କରିବାକୁ ଚାହୁଁଥିବ । ଅପରପକ୍ଷେ ଯେହେତୁ ତମେ ବାହାସାହା ହୋଇ ସାରିଥିବ କିମ୍ବା ବାପା-ମା'ଙ୍କର ଦାୟିତ୍ୱ ତମ ଉପରେ ଥିବ, କିମ୍ବା ତମର ବାପା-ମା କହୁଥିବେ ଯେ ତମେ ଜଣେ ଓକିଲ ହୁଅ, ମାତ୍ର ତମର ପ୍ରକୃତରେ ଇଚ୍ଛା ଥିବ ଜଣେ ଚିତ୍ରକାର ହେବାକୁ, ସେଥିପାଇଁ ତମେ ଘୃଣା କରୁଥିବା କିମ୍ବା ତମକୁ ବିରକ୍ତିକର ଲାଗୁଥିବା କୌଣସି ଚାକିରି ତମକୁ କରିବାକୁ ପଡୁନଥିବ । ଏହା କଣ ଅତି ଜରୁରୀ ନୁହେଁ କି, ତମେ ସବୁ ଏଇ ପିଲା ବୟସରେ ଥାଉ ଥାଉ ତମର ଶିକ୍ଷକ ତମ ପ୍ରତ୍ୟେକଙ୍କ ସହିତ ଯା' ବିଷୟରେ କଥାଭାଷା କରି, ତମକୁ ଖୋଲି ବୁଝାଇ ଦେବେ ଓ ପ୍ରତିଯୋଗିତାର ସମଗ୍ର ସମସ୍ୟା ଭିତରକୁ ଯାଇ ଉଚ୍ଚାକାଂକ୍ଷାର ଏହି ସମସ୍ୟାଟିକୁ ବୁଝି ତାହାକୁ ବନ୍ଦ କରିବେ ? ତମେ ଯାହା ପ୍ରକୃତରେ କରିବାକୁ ଚାହୁଁଥିବ ସେତକ ଖୋଜି ବାହାର କରିବାରେ ଏଇ ଗୋଟିକ ହିଁ ତମକୁ ସାହାଯ୍ୟ କରିପାରିବ ।

**'ରାଜଘାଟ ଛାତ୍ରଙ୍କ ସହିତ କଥାଭାଷା' ରୁ ସଂଗୃହୀତ**

**ପ୍ରଶ୍ନକର୍ତ୍ତା–** ଏଇଟା ଅବଶ୍ୟ ସତ

ଯେ ସମାଜଟା ଉଚ୍ଚାଭିଳାଷ ଓ ଅଧିକାର ପ୍ରବଣତା ଉପରେ ଚାଲିଛି; କିନ୍ତୁ ଆମଠି ଯଦି ଉଚ୍ଚାଭିଳାଷ ବୋଲି କିଛି ନ ରହେ ତେବେ ଆମର ଅଧୋଗତି ଆସିଯିବ ନାହିଁ କି ?

**କ୍ରିଷ୍ଣମୂର୍ତ୍ତି–** ସତରେ ଏଇଟା ଗୋଟାଏ ଅତି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ, ଆଉ ଏଥିପାଇଁ ଗଭୀର ମନୋଯୋଗ ଦରକାର। ମନୋଯୋଗଟା କି ଜିନିଷ ଜାଣିଛ ? ଚାଲ ଆମେ ଖୋଜି ଦେଖିବା। କ୍ଲାସ୍‌ରେ ଥିଲାବେଳେ ତମେ ଯେତେବେଳେ ଝରକା ବାଟେ ବାହାରକୁ ଚାହଁ ବା କାହାରି ମୁଣ୍ଡ ବାଳକୁ ଟିକିଏ ଟାଣିଦିଅ ସେତେବେଳେ ଶିକ୍ଷକ ତମକୁ ପଢ଼ାରେ ମନ ଦବାକୁ କହନ୍ତି। ତା ଅର୍ଥ କଣ ? ତା ଅର୍ଥ ଏଇ ଯେ ତମେ ଯାହା ପଢୁଛ ସେଥିରେ ତମର ଆଗ୍ରହ ରହୁ ନାହିଁ। ତେଣୁ ପଢ଼ାରେ ମନ ଦେବାପାଇଁ ଶିକ୍ଷକ ତମକୁ ବାଧ କରନ୍ତି– ଏଇଟା ଆଦୌ ମନ ଦେବା ନୁହେଁ। ଯେତେବେଳେ କୌଣସି କଥାରେ ତମେ ଅତି ନିବିଡ଼ ଭାବରେ ଆଗ୍ରହୀ ହେଇ ଉଠ, ସେତିକିବେଳେ ତମର ମନୋଯୋଗ ଆସିଯାଏ। କାରଣ ସେତିକିବେଳେ ତମେ ସେ ବିଷୟରେ ଖୋଜାଖୋଜି କରି ବାହାର କରିବାକୁ ଇଚ୍ଛା କର। ସେତେବେଳେ ତମର ସମୁଦାୟ ମନ ପ୍ରାଣ, ତମର ସମଗ୍ର ସତ୍ତା ସେଇଠି ରହିଯାଏ। ଠିକ୍ ସେହିପରି, ଯୋଉ ମୁହୂର୍ତ୍ତରେ ତମେ ଦେଖିବ ଯେ ଏଇ ପ୍ରଶ୍ନଟା– ଅର୍ଥାତ୍ ଆମଠି ଯଦି ଉଚ୍ଚାଭିଳାଷ ବୋଲି କିଛି କଥା ନ ରହେ ତେବେ ଆମର କଣ ଅଧଃପତନ ଆସିଯିବ ନାହିଁ ?– ଏଇ କଥାଟା ଯେତେବେଳେ ପ୍ରକୃତରେ ଅତି ଗୁରୁତ୍ୱପୂର୍ଣ୍ଣ ବୋଲି ତମର ମନେହେବ, ସେତେବେଳେ ତମର ଏଥିରେ ଆଗ୍ରହ ଆସିଯିବ ଓ ଏ କଥାର ସତ୍ୟତା ଖୋଜି ବାହାର କରିବା ଲାଗି ତମ ମନ ଡାକିବ।

ଯେତେବେଳେ କିଛି ଗୋଟାଏ କାମ କରିବାକୁ ତମର ଖୁବ୍ ମନ ଡାକେ ବୋଲି ଖାସ୍ ସେ କାମଟି ତମେ କରୁଥାଅ, ସେତେବେଳେ କଣ ତମେ ଉଚ୍ଚାଭିଳାଷୀ ଥାଅ ? ଯେତେବେଳେ ତମେ ସମୁଦାୟ ମନ ପ୍ରାଣ ଢାଳିଦେଇ କିଛି ଗୋଟାଏ କାମ କରୁଥାଅ, ମନରେ କୌଣସି ଆଶା ଉଦ୍ଦେଶ ରଖି ନୁହଁ କି ଲାଭ ମାରିବା ଉଦ୍ଦେଶରେ ବା ଅଧିକ ସୁଫଳ ଆଶାରେ ନୁହଁ– ଖାସ୍ ତମକୁ ସେ କାମଟି କରିବାକୁ ଭଲ ଲାଗୁଥାଏ ବୋଲି ତମେ ତାକୁ କରୁଥାଅ– ସେଥିରେ ତ କିଛି ହେଲେ ଉଚ୍ଚାଭିଳାଷ ପଶି ନ ଥାଏ, ଥାଏ କି ? ସେଥିରେ ତ ପ୍ରତିଯୋଗିତା ବୋଲି କିଛି ନ ଥାଏ, ପ୍ରଥମ ସ୍ଥାନ ହାସଲ କରିବ ବୋଲି କାହାରି ସହିତ ଠେଲାପେଲା ବା ସଂଗ୍ରାମ କରିବାକୁ ବି ନଥାଏ। ପ୍ରକୃତରେ ତମକୁ କି କାମଟା କରିବାକୁ ଭଲ ଲାଗିବ, ଜୀବନର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଯୋଉ କାମଟା କରିବା ଲାଗି ଉପଯୁକ୍ତ ବୋଲି ତମର ମନେ ହେଉଥିବ ଯାହା କି ତମ ପାଇଁ ଗଭୀର ଭାବରେ ତାତ୍ପର୍ଯ୍ୟପୂର୍ଣ୍ଣ ହେବ ବୋଲି ତମକୁ ଲାଗିବ, ସେଭଳି କାମଟିଏ ତମେ ନିଜେ ଖୋଜି ବାହାର କରିବା ଲାଗି ଶିକ୍ଷା କଣ ତମକୁ ସହାୟତା କରିବା ଉଚିତ ନୁହଁ କି ? ତା'ନ ହେଲେ ଯେ ତମର ବଳକା ଜୀବନଟା ଖାଲି ଘାଣ୍ଟି ହେଇ ହେଇ କଟିଯିବ, ଦୁଃଖ ଦୁର୍ଦ୍ଦଶାରେ ପୂରି ଉଠିବ। ..... ସେଥିପାଇଁ ତମକୁ କଅଣ କରିବାକୁ ପ୍ରକୃତରେ ଖୁବ୍ ***ଭଲଲାଗେ*** ସେତକ ଏଇ ପିଲାବେଳଠୁ ଖୋଜି ବାହାର କରିବା ହେଲା ଏତେ ବେଶୀ ଗୁରୁତ୍ୱପୂର୍ଣ୍ଣ। ଆଉ ଏଇଟା ହିଁ ହେଲା ନୂଆ ସମାଜଟିଏ ଗଢ଼ିବାର ଏକମାତ୍ର ବାଟ।

**ଏଇ ଯେ ସଂସ୍କୃତି (ପରିଚ୍ଛେଦ - ୧)**

## କ୍ରିଷ୍ଣମୂର୍ତ୍ତିଙ୍କ ଡାଏରୀରୁ...

**ଷ୍ଟାଡ୍ ୧୯ ତାରିଖ, ୧୯୬୧ :**

**କା**ଲି ଦି'ପହର ସାରା ଅବସ୍ଥା ବଡ଼ ଖରାପ ଥିଲା କହିଲେ ଚଳେ। ମନେ ହେଉଛି ଯେମିତି ଯନ୍ତ୍ରଣାଟା ବହୁତ ବଢ଼ି ଯାଇଛି। ସନ୍ଧ୍ୟା ପାଖାପାଖିରେ ସେଇ ପବିତ୍ରତା ପୁଣି ଦେଖାଦେଲା ଓ ସାରା କୋଠରୀକୁ ତହିଁରେ ଟୁଳୁଟୁଳୁ କରି ପକାଇଲା। ଏକଥା ଅନ୍ୟ ବ୍ୟକ୍ତି ଜଣକ ମଧ୍ୟ ଅନୁଭବ କରିପାରିଥିଲେ। ରାତିଯାକ ଅବସ୍ଥା ଭଲ ଥିଲା ଯଦିଓ ସେଇ ଚାପ ଓ ତା'ର ଝାଙ୍କ ମେଘ ଉହାଡ଼ର ସୂର୍ଯ୍ୟ ପରି ଛପି ରହିଥିଲା; ଆଜି ଅତି ଭୋର୍‌ରୁ ସେଇ ପ୍ରକ୍ରିୟା ପୁଣି ଆରମ୍ଭ ହେଇଯାଇଛି।

ମନେହୁଏ ସତେ ଯେମିତି କେତେଗୁଡ଼ାଏ ଅନୁଭୂତି ଟିପି ରଖିବା ଲାଗି କେବଳ, ମଣିଷ ନିଦରୁ ଉଠି ପଡୁଛି। ଗତ ବର୍ଷେ ଖଣ୍ଡେ ହେବ, ଏମିତି ଅନେକ ଥର ଘଟିଲାଣି। ଆଜି ସକାଳେ ସେମିତି ଏକ ଆନନ୍ଦ ଛଳ ଛଳ ଅନୁଭବ ଭିତରେ ନିଦଟା ଭାଙ୍ଗିଗଲା; ନିଦ ଭାଙ୍ଗିଲା ବେଳକୁ ତାହା ଆରମ୍ଭ ହେଇ ସାରିଥିଲା। ଏଇଟା କିଛି ବିଗତ କାଳର ଘଟଣା ନ ଥିଲା। ପ୍ରକୃତରେ ସେତେବେଳେ ତାହା ଘଟି ଚାଲିଥିଲା। ସେହି ଉଲ୍ଲାସ "ବାହାରୁ" ହିଁ ଆସୁଥିଲା, ଆପଣା ଭିତରୁ ତାହା ଉଦ୍ଭବ ହେଉ ନ ଥିଲା; ପ୍ରଭୂତ ଶକ୍ତି ସହ ଅପର୍ଯ୍ୟାପ୍ତ ଭାବରେ ଦେହ ଭିତରକୁ

ଧସେଇ ପଶି ଅଙ୍ଗେ ଅଙ୍ଗେ ପ୍ରବାହିତ ହେବାରେ ଲାଗିଲା। ଏଥିରେ ମସ୍ତିଷ୍କ କୌଣସି ଭୂମିକା ଗ୍ରହଣ କରୁ ନ ଥିଲା; ତାହା କେବଳ ଲିପିବଦ୍ଧ କରିବାରେ ଲାଗିଥିଲା— ଏକ ପିଛିଲା ସ୍ମୃତି ଭାବରେ ନୁହଁ, ପ୍ରକୃତରେ ସେତିକିବେଳେ ଘଟୁଥିବା ବାସ୍ତବ ଘଟଣା ରୂପରେ। ସେଇ ଆନନ୍ଦ ଉଲ୍ଲାସର ଉହାଡ଼ରେ ସତେ କି ଅମାପ ବଳ ଓ ପ୍ରାଣପ୍ରାଚୁର୍ଯ୍ୟ ଭରି ରହିଥିଲା। ଏହା କୌଣସି ଭାବପ୍ରବଣତାର କି ଆବେଗ କି ଅନୁଭବର କଥା ନ ଥିଲା, ବରଂ ସେଇ ପାହାଡ଼ ଧାରାରେ ଅଜାଡ଼ି ହେଇ ପଡୁଥିବା ଝରଣାଟି ପରି, ପର୍ବତ ଦେଶର ସବୁଜ ଢାଲୁ ଅଞ୍ଚଳରେ ଛିଡ଼ା ହେଇଥିବା ଗୋଟିକିଆ ପାଇନ୍ ଗଛଟି ପରି ତାହା ଥିଲା ଏକାନ୍ତ ମୂର୍ତ୍ତିମନ୍ତ ଓ ବାସ୍ତବ। ମଣିଷର ସମସ୍ତ ଅନୁଭବ ଓ ଆବେଗ ଉଚ୍ଛ୍ୱାସ ମସ୍ତିଷ୍କ ସହିତ ଛନ୍ଦା ରହିଥାଏ କିନ୍ତୁ ପ୍ରେମ ସେପରି ଭାବରେ ନ ଥାଏ କି ଏ ଆନନ୍ଦ ଉଲ୍ଲାସ ବି ଛନ୍ଦା ନ ଥିଲା। ତାହାକୁ ମନେ ପକାଇବାକୁ ହେଲେ ଅତ୍ୟନ୍ତ ଶ୍ରମସ୍ୱୀକାର ପୂର୍ବକ ଏ ମସ୍ତିଷ୍କ ତାହାକୁ ମନେ ପକାଇଲେ ପକାଇ ପାରେ ଅବା।

ଆଜି ଅତି ପ୍ରତ୍ୟୁଷରେ ଏକ ଅପୂର୍ବ ଆଶୀର୍ବାଦର ଧାରା ଝରି ଆସି ସତେ କି ଏ ଧରଣୀକୁ ଆଚ୍ଛନ୍ନ କରି ପକାଇଲା ଓ ଏ ବଖରାଟିକୁ ପରିପୂର୍ଣ୍ଣ କରିଦେଲା। ଯେତେବେଳେ ବି ତାହା ଦେଖାଦିଏ, ତା ସହିତ ଏକ ସର୍ବଗ୍ରାସୀ ନିସ୍ତବ୍ଧତା, ନିଶ୍ଚଳତା ଆସିଯାଏ, ତାରି ଗର୍ଭରେ ସତେ କି ସମସ୍ତ ସଞ୍ଚଳନକୁ ସେ ଧାରଣ କରି ନେଇଥାଏ।

# ଜେ. କ୍ରିଷ୍ଣମୂର୍ତ୍ତିଙ୍କ ସ୍ମୃତିରୁ କିଛି...

ଏହି ଲେଖାଟି ମାଇକେଲ୍ କ୍ରୋନେନ୍‌ଙ୍କ ଦ୍ୱାରା ଲିଖିତ (Kitchen Chronicles) ରୁ ଉଦ୍ଧୃତ।

କ୍ରିଷ୍ଣମୂର୍ତ୍ତି ଦେଶ ବିଦେଶ ଭ୍ରମଣ କରୁଥିବା ସମୟରେ ବିଭିନ୍ନ ସ୍ଥାନରେ ତାଙ୍କୁ କିଛି କିଛି ଦିନ ରହିବାକୁ ହୋଇଥାଏ। ସେଠାରେ ରହୁଥିବା ସମୟରେ ଖାଇବା ଟେବୁଲ୍‌ରେ ଅନେକ ସମୟରେ ସେ ହସ କଥା, ବିଭିନ୍ନ ଅନୁଭୂତିମାନ ବର୍ଣ୍ଣନା କରିଥାନ୍ତି। ନିମ୍ନରେ ବର୍ଣ୍ଣନା କରାଯାଇଥିବା ଅନୁଭୂତିଟି ସେହିପରି ଦିନକର କଥା।

"ଆଜି ମୁଁ ତମମାନଙ୍କୁ ଗୋଟିଏ କାହାଣୀ ଶୁଣାଇ ପାରେ କି ? ଏଇ ଘଟଣାଟି ଏଇ ମାତ୍ର କିଛି ବର୍ଷ ପୂର୍ବର କଥା। ସେତେବେଳେ ମୁଁ ଲଣ୍ଡନର ଏକ ସହର ତଳି ଅଞ୍ଚଳରେ ମୋର ଜଣେ ବନ୍ଧୁଙ୍କ ଘରେ ରହୁଥିଲି। ସେଠାରେ ଥିବା ବେଳେ ଦିନେ ଏକ ଉପରଓଳିଆ ସମୟରେ ସେହି ଘରର ଝରକା ବାଟେ ବାହାରକୁ ଚାହିଁ ଚାହିଁ ଦେଖୁଥିଲି। ଏତିକିବେଳେ ଗୋଟିଏ ରୋଲ୍ସରଏସ୍ ଗାଡ଼ି ଘର ସାମ୍ନା ରାସ୍ତାରେ ଛିଡ଼ା ହେଲା ଓ ଗାଡ଼ିର ଡ୍ରାଇଭର୍ ଗାଡ଼ିରୁ ଓହ୍ଲାଇ ଜଣେ ମହିଳାଙ୍କ ପାଇଁ ଗାଡ଼ିର କବାଟ ଖୋଲିଲେ। ଅତି ମାର୍ଜିତ ବେଶ ଭୂଷାରେ ସଜ୍ଜିତ ଜଣେ ମହିଳା ଗାଡ଼ିରୁ ଓହ୍ଲାଇଲେ। ମହିଳା ଜଣକ ଘରର ଦ୍ୱାର ଦେଶରେ ଥିବା ଘଣ୍ଟି ବଜାଇଲେ। ଘରେ ସେତେବେଳେ ମୁଁ ଏକା ଥିବାରୁ ମତେ ଘରର ଦରଜା ଖୋଲିବାକୁ ହେଲା। ମହିଳା ଜଣକ ଆପଣା ପରିଚୟ ଦେଲେ ଓ ମୋ ସହିତ ଏକାନ୍ତ ନିରୋଳାରେ କିଛି ସମୟ କଥା ହେବା ପାଇଁ ମୋର ଅନୁମତି ଚାହିଁଲେ। ତାଙ୍କର କିଛି ଗୋଟାଏ ଏକାନ୍ତ ଜରୁରୀ ଓ ଗୋପନୀୟ କଥା କହିବାକୁ ଥିବାରୁ ମୁଁ ତାଙ୍କୁ ଭିତରକୁ ଡାକିଲି। ଭିତରକୁ ଆସିବା ପରେ ସେ ସିଧା ସଳଖ ଆପଣା ଆସିବାର ଉଦ୍ଦେଶ ବ୍ୟକ୍ତ କରିବାକୁ ଆରମ୍ଭ କରିଦେଲେ।

ସେ କହିଲେ, ସେ ଜଣେ ଅତି ଉଚ୍ଚ ବର୍ଗର କଲ୍‌ଗାର୍ଲ୍ ବା ଗଣିକା। ଅତ୍ୟନ୍ତ ଉଚ୍ଚକୋଟୀର ପଦ ପଦବୀରେ ଅଧିଷ୍ଠିତ, ଶହ ଶହ ନାମୀ ଦାମୀ ରାଜନୀତିଜ୍ଞ, ବ୍ୟବସାୟୀ, ସରକାରୀ କର୍ମଚାରୀ, ସମ୍ଭ୍ରାନ୍ତ ଶ୍ରେଣୀର ଉଚ୍ଚ ପଦାଧିକାରୀ ମାନଙ୍କର ସେ ଥିଲେ ଅଙ୍କ-ଶାୟିନୀ। ଏହିପରି ଭାବରେ ସେ ପ୍ରଭୂତ ଧନ ରୋଜଗାର କରିପାରି ଥାନ୍ତି ଓ ବିପୁଳ ସଂପତ୍ତିର ଅଧିକାରୀ ମଧ୍ୟ ହୋଇ ପାରିଛନ୍ତି। କିନ୍ତୁ ଗୋଟିଏ କଥା ତାଙ୍କୁ ଅତ୍ୟଧିକ ବ୍ୟସ୍ତ ବିବ୍ରତ କରି ପକାଇଛି। ତାହା ହେଲା ଏଇ ମାତ୍ର ଛ'ମାସ ତଳେ ତାଙ୍କର ଜଣେ ପୁରୁଣା ପ୍ରେମିକ, ଯାହାଙ୍କୁ ସେ ଅତ୍ୟନ୍ତ ଶ୍ରଦ୍ଧା, ଆଦର କରୁଥିଲେ, ତାଙ୍କୁ ଛାଡ଼ି ଏ ଧରାରୁ ସେ ଚିରକାଳ ପାଇଁ ବିଦାୟ ନେଇଗଲେ। ଏସବୁ କହିବା ବେଳେ ମହିଳା ଜଣକ ଅତ୍ୟନ୍ତ ଧୀର ସ୍ଥିର ଶାନ୍ତ ଚିତ୍ତରେ ଅତି ମାମୁଲି ଭାବେ କଥା ଗୁଡ଼ାକ କହି ଯାଉଥିଲେ।

ଦିନେ ସନ୍ଧ୍ୟା ସମୟରେ ସେ (ମହିଳା ଜଣକ) ନିଜ ଘରେ ଏକାକୀ, ଘରର ଅଗ୍ନିକୁଣ୍ଡ ସାମନାରେ ବସିଥିଲେ। ସେହି ଜଳନ୍ତା କୁଣ୍ଡ ଭିତରକୁ ଚାହିଁ ରହିଥିବା ବେଳେ ତାଙ୍କର ସେହି ମୃତ ପ୍ରେମିକର କଥା ମନେ ପଡ଼ିଲା ଓ ମଜାରେ ମଜାରେ ନିଜ ମନ ଭିତରେ ସେ ସେହି ପ୍ରେମିକର ଆତ୍ମାକୁ ଆହ୍ୱାନ ଜଣାଇଲେ। ହଠାତ୍ ତାଙ୍କୁ ସ୍ତମ୍ଭୀଭୂତ କରି ସେହି ପ୍ରେମିକର ପ୍ରେତାତ୍ମା ରୂପ ଧାରଣ କରି ସେଥିରୁ ବାହାରିଲା। ମହିଳା ଜଣକ ଏ କଥା ବି ମତେ କହିଲେ ଯେ ସେହି

ପ୍ରେମିକର ପ୍ରେତାତ୍ମା ସହିତ ସେ ନିଜର ଯୌନ ସଂପର୍କ ମଧ୍ୟ ସ୍ଥାପନ କଲେ। ଏହା ତାଙ୍କଠାରେ ରୋମାଞ୍ଚ ଆଣି ଦେଉଥିଲା ଏବଂ ଅତ୍ୟନ୍ତ ଖୁସି ମଧ୍ୟ ଲାଗୁଥିଲା। ତା'ପରେ ସେହି ଘଟଣା ରାତି ପରେ ରାତି ଧରି ଅନେକ ରାତି ଯାଏ ଘଟିବାରେ ଲାଗିଲା ଓ ଧୀରେ ଧୀରେ ସେଇ ପ୍ରେତାତ୍ମା ଅଧିକ, ଅଧିକ ଶକ୍ତିଶାଳୀ ହୋଇ ତାଙ୍କ ଉପରେ ଆପଣା ନିୟନ୍ତ୍ରଣ ଜାହିର୍ କରାଇବାରେ ଲାଗିଲା ଓ ମହିଳା ଜଣକ ସେହି ପ୍ରେତାତ୍ମା ସହିତ କେଉଁ ସ୍ଥାନରେ ମିଳିତ ହେବେ କ'ଣ କରିବେ ଏସବୁ ତାଙ୍କୁ ସେଇ ପ୍ରେତାତ୍ମା ବତେଇବାରେ ଲାଗିଲା। ଧୀରେ ଧୀରେ ମହିଳା ଜଣକ ସେହି ପ୍ରେତାତ୍ମାର ପୂରା ଦଖଲରେ ରହିଲେ। ଏଥିରେ ବ୍ୟତିବ୍ୟସ୍ତ ହୋଇଯାଇ ମହିଳା ଜଣକ ସେହି ପ୍ରେତାତ୍ମାର କବଳରୁ ନିଜକୁ ରକ୍ଷା ପାଇବାକୁ ଉପାୟ ଖୋଜି ହେଲେ। କିନ୍ତୁ ଏହାର ପ୍ରତିକାର ପାଇଁ କୌଣସି ଉପାୟ ସେ ପାଇଲେ ନାହିଁ। କୌଣସି ମନସ୍ତତ୍ତ୍ୱବିତ୍ କି ପାଦ୍ରୀ କି କୌଣସି ପେଶାଦାର ବ୍ୟକ୍ତି– ଏମାନଙ୍କ ସହିତ ସେ ଏ ବିଷୟରେ ପରାମର୍ଶ କରିବାକୁ ଚାହୁଁ ନଥିଲେ। ତେଣୁ ବହୁତ ଚିନ୍ତା କରିବା ପରେ ତାଙ୍କର କେତେକ ଉଚ୍ଚସ୍ତରୀୟ ବନ୍ଧୁଙ୍କ ସହିତ ଏ ବିଷୟରେ କଥା ହୋଇ ପଚାରିଲେ, ସେମାନେ ଏପରି କୌଣସି ନିର୍ଭରଯୋଗ୍ୟ ବ୍ୟକ୍ତିଙ୍କୁ ଜାଣନ୍ତି କି, ଯିଏ କି ତାଙ୍କୁ ଏହି ଅତ୍ୟନ୍ତ ସଂବେଦନଶୀଳ ବ୍ୟକ୍ତିଗତ ବ୍ୟାପାରରେ ଉପଦେଶ ଦେଇ ପାରିବେ। ସେମାନେ ଆମର ଏହି ନାମଟି କହିବାରୁ, ଆମର କେତେକ ବକ୍ତୃତା ଶୁଣିବା ପରେ ସେ ପୂରା ପୂରି ନିଶ୍ଚିତ ହୋଇଗଲେ ଯେ ତାଙ୍କର ଏହି ବିଚିତ୍ର ଅପ୍ରୀତିକର ଅବସ୍ଥାରୁ ମୁକୁଳାଇବାରେ ମୁଁ ହିଁ ସାହାଯ୍ୟ କରିପାରେ। ଏହି ଅବାସ୍ତବ ଅନୁଭୂତି ବିଷୟରେ ସେ କାହାରିକୁ ହେଲେ ଜଣାଇ ନଥିଲେ। ଏସବୁ କଥା ଜାଣିବାରେ ମୁଁ ହିଁ ଥିଲି ତାଙ୍କର ପ୍ରଥମ ବ୍ୟକ୍ତି। କହୁ କହୁ ବ୍ୟଥା ବେଦନାରେ ତାଙ୍କ କଣ୍ଠ ରୁଦ୍ଧ ହୋଇ ଆସିଲା। ଅତ୍ୟନ୍ତ ମାନସିକ ଯନ୍ତ୍ରଣା ହେତୁ ସେ କାନ୍ଦ କାନ୍ଦ ପ୍ରାୟ ହୋଇଗଲେ। ତାଙ୍କୁ ସାହାଯ୍ୟ କରିବାକୁ ମୁଁ ରାଜି ହୋଇଗଲି କିନ୍ତୁ ମୋର ସର୍ତ୍ତ ଥିଲା– ମୁଁ ଯାହା ତାଙ୍କୁ କହିବି, ସେ ଯେମିତି ସେତକ ଗୋଟି ଗୋଟି କରି ଅକ୍ଷରେ ଅକ୍ଷରେ ମାନିବେ। ସେ ମଧ୍ୟ ନିର୍ଭର-ପ୍ରତିଶ୍ରୁତି ଦେଲେ ଯେ ମୋ କଥା ସେ ନିଶ୍ଚୟ ମାନିବେ। ସେଠୁ ମୁଁ ତାଙ୍କୁ କହିଲି ସେ ପିନ୍ଧିଥିବା ଗୋଟିଏ ମୁଦିକୁ ସେଠି ଛାଡ଼ି ଦେଇ ଯା'ନ୍ତୁ ଓ ତିନିଦିନ ପରେ ସେ ପୁଣି ଆସିବେ। ଏହି ତିନିଦିନ ସେ କାହାରି ସହିତ କୌଣସି ଯୌନ ସଂପର୍କ ସ୍ଥାପନ କରିବେ ନାହିଁ କି କୌଣସି ରାତିରେ ନିଜ ଘରେ ଏକାକୀ ରହିବେ ନାହିଁ, ତେବେ ସେହି ପ୍ରେତାତ୍ମା ତାଙ୍କ ସଂସ୍ପର୍ଶରେ ଆଉ ଆସିପାରିବ ନାହିଁ। ତା'ପରେ ମହିଳା ଜଣକ ବିଦାୟ ନେଲେ ଓ ଯିବା ସମୟରେ ଏଭଳି ସାହାଯ୍ୟ ପାଇଁ ପ୍ରଚୁର ଅର୍ଥ ଯାଚିଲେ କିନ୍ତୁ ମୁଁ ନେଲି ନାହିଁ।

ମହିଳା ଜଣକ ଚାଲିଯିବା ପରେ ମୁଁ ସେହି ମୁଦିଟିକୁ ନେଇ ଅଗ୍ନିକୁଣ୍ଡର ଉପର ଆଡ଼କୁ ଥିବା ଆବରଣ ଉପରେ ରଖିଦେଲି। ମୁଦିଟି ସେଇଠାରେ ତିନିଦିନ କାଳ ସେମିତି ରହିଲା। ମୁଁ ତାକୁ ଛୁଇଁଲି ନାହିଁ କି ତାକୁ କିଛି କଲି ନାହିଁ। ଠିକ୍ ତିନିଦିନ ପରେ ସେଇ ମହିଳା ଜଣକ ନିଜର ରୋଲ୍ସରଏସ୍ ଗାଡ଼ିରେ ଆସି ପହଞ୍ଚିଲେ ଓ ମୁଁ ତାଙ୍କ ମୁଦିଟି ତାଙ୍କୁ ଫେରାଇ ଦେଇ କହିଲି, ମୁଦିଟିକୁ ସେ ସଦାବେଳେ ପିନ୍ଧିବେ ଓ ନିଜର ସ୍ୱାଭାବିକ ଜୀବନଯାପନ କରିବେ। ତେବେ ଦେଖିବା କ'ଣ ହେଉଛି ଏହାର ଠିକ୍ ଏକ ସପ୍ତାହ ପରେ ମହିଳା ଜଣକ ମତେ ପୁଣି ଡାକିଲେ। ସେ ଅତ୍ୟନ୍ତ ଖୁସିଥିଲେ।

ପ୍ରେତାତ୍ମାଟି ତଡ଼ା ଖାଇ ଯାଇଥିଲା, ଏପରିକି ସେ ଯେତେବେଳେ ରାତିରେ ଏକା ଏକା ଅଗ୍ନିକୁଣ୍ଡ ସାମ୍ନାରେ ଥା'ନ୍ତି ସେଇ ପ୍ରେତାତ୍ମାଟା ଆଉ ବାହାରୁ ନଥିଲା। ସତେ କି ସେଇଟା ସବୁଦିନ ପାଇଁ ବିତାଡ଼ିତ ହୋଇ ଯାଇଥିଲା।

ମହିଳା ଜଣକ ମତେ ବହୁତ ଧନ୍ୟବାଦ ଦେବା ସହ ପ୍ରଚୁର ଅର୍ଥ ମଧ୍ୟ ପୁଣି ଯାଚିଲେ, ଯାହା କି ମୋର ଗ୍ରହଣ କରିବାର ପ୍ରଶ୍ନ ହିଁ ନଥିଲା।"

ଏହି ଘଟଣା ଶୁଣିବା ପରେ ଆମେ ସମସ୍ତେ ସ୍ତମ୍ଭୀଭୂତ ହୋଇଗଲୁ। ସମସ୍ତେ ଅବା ସ୍ଥାଣୁ ପାଲଟି ଯାଇଥିଲେ। ସମସ୍ତଙ୍କ ମନ ମଧ୍ୟରେ ଅଜସ୍ର ଆଲୋଡ଼ନ ଆଉ ଅଜସ୍ର ଅକୁହା ପ୍ରଶ୍ନ ଉଙ୍କିମାରୁ ଥିଲା। ଏହିପରି ଭାବରେ କିଛି କ୍ଷଣ କଟିଗଲା, ସମସ୍ତଙ୍କ ମୁହଁରେ କୌତୂହଳ ଓ ଉତ୍କଣ୍ଠାକୁ ଅତି ଶାନ୍ତ ଭାବରେ ଲକ୍ଷ୍ୟ କରିବା ପରେ– ଗଳ୍ପଟି ଆମ ମନରେ କି ପ୍ରକାର ପ୍ରଭାବ ପକାଉଛି ତାହା ନୀରବରେ ଲକ୍ଷ୍ୟ କରିବା ପରେ ମୁହଁରେ ସାମାନ୍ୟ ହସ ଖେଳାଇ କୃଷ୍ଣମୂର୍ତ୍ତି– ପୁଣି ତାଙ୍କ କଥାର ଖିଅ ଧଇଲେ– 'ଟିକିଏ... ଟିକିଏ... ଧର୍ଯ୍ୟ ଧର। କାହାଣୀ ତ ଆହୁରି ଶେଷ ହୋଇନାହିଁ।'

'ଏହି ଘଟଣାର କିଛି ମାସ ପରେ ଦିନେ ଆମେ ସେଇ ସହରର ଏକ ରେଷ୍ଟୋରାଁରେ ଖାଉଥିଲୁ। ସେତେବେଳେ ପୂର୍ବରୁ ସେହି ମହିଳା ଜଣକ ସେଠାରେ ଅନ୍ୟ ଏକ ଟେବୁଲ୍‌ରେ ତାଙ୍କର କିଛି ବନ୍ଧୁଙ୍କ ସହ ବସିଥିଲେ। ମତେ ଦେଖି ସେଠାରୁ ସେ ମତେ ସମ୍ଭାଷଣ ଜଣାଇଲେ। ଯେତେବେଳେ ମୁଁ ଟିକିଏ ସମୟ ପାଇଁ ଏକୁଟିଆ ହୋଇଗଲି ସେ ସଙ୍ଗେ ସଙ୍ଗେ ମୋ ପାଖକୁ ଚାଲିଆସି ମତେ କହିଲେ– ମତେ ଜଣାଇବା ଲାଗି ତାଙ୍କର କିଛି ଜରୁରୀ କଥା ଅଛି ମୋର ସମୟ ନେଉଥିବାରୁ ମତେ ସେ ବହୁତ ବହୁତ ଧନ୍ୟବାଦ ଦେଲେ ଓ ତାଙ୍କର ସେଭଳି ସଙ୍ଗୀନ ବିପଦ ସମୟରେ ମୁଁ ତାଙ୍କୁ ଏପରି ସାହାଯ୍ୟ କରିଥିବାରୁ ପୁଣି ବହୁତ ବହୁତ ଧନ୍ୟବାଦ ଦେବାପରେ ତାଙ୍କର ସେଇ ପୁରୁଣା କଥାର ଖିଅ ଧଇଲେ। ସେ କହିଲେ 'ସମୟ ଗଡ଼ିବା ସଙ୍ଗେ ସଙ୍ଗେ ସେ ବଡ଼ ବିରକ୍ତି ବୋଧ କରିବାରେ ଲାଗିଲେ ଏବଂ ନିଃସଙ୍ଗ ମଧ୍ୟ ବୋଧ କଲେ। ଏମିତି ହେଉ ହେଉ ପ୍ରାୟ ମାସେ ଖଣ୍ଡେ ପରେ ସେ ପୁଣି ମଜ୍ଜାରେ ମଜ୍ଜାରେ ସେଇ ପ୍ରେତାତ୍ମାକୁ

ଆହ୍ୱାନ ଜଣାଇଲେ ଏବଂ ପ୍ରେତାତ୍ମା ଦେଖାଦେଲା। ତା'ପରେ ସେଇ ପୁରୁଣା କଥା ସବୁ ପୁଣି ଆରମ୍ଭ ହେଇଯାଇଛି।

ପୁଣି ସମସ୍ତେ ଆଶ୍ଚର୍ଯ୍ୟ। ସମସ୍ତଙ୍କ ମନରେ ଅଜସ୍ର ପ୍ରଶ୍ନ। ଆପଣା ଉତ୍କଣ୍ଠା ସମ୍ଭାଳି ନ ପାରି ମୁଁ ପଚାରି ଦେଲି– 'ସେଠୁ ?ସେଠୁ କ'ଣ ହେଲା ?'

– 'କିଛି ନାହିଁ। ପୁଣି ପୂର୍ବପରି ସବୁ କଥା ଚାଲିଥିବ ବୋଧ ହୁଏ।'

କ୍ରିଷ୍ଣମୂର୍ତ୍ତି ଆଉ ଅଧିକ କିଛି ନ କହି ଉଠିଲେ। ଅନ୍ୟ ସମସ୍ତେ ଏକ କୁହେଳିକା ମଧ୍ୟରେ ଥାଇ ଗୋଟି ଗୋଟି ହୋଇ ବାହାରି ଗଲେ।

ଯଦି ଆମେ କୌଣସି କଥାକୁ ନିନ୍ଦା କରିବାରେ ଲାଗୁ, ତେବେ କଣ ସେଇଟାକୁ ଆଉ ବୁଝି ହୁଏ ? କୌଣସି କଥାକୁ ଦୂରେଇ ଦେବା, କି ମାନିନେଇ ବସିପଡ଼ିବାଟା ତ ସହଜ କିନ୍ତୁ ତାକୁ ସେପରି ନିନ୍ଦା କି ସମର୍ଥନ ଜଣାଇବା ଦ୍ୱାରା ତାହାକୁ ଏଡ଼ାଇ ଦେବା ବୁଝାଏ। କୌଣସି ପିଲାକୁ ନିନ୍ଦିବାଟା ହେଉଛି ତାକୁ ତମଠୁ ଦୂରେଇ ଦେବା– ଯେପରି କି ସେ ଆଉ ତମକୁ ହଇରାଣ କରିବ ନାହିଁ। କିନ୍ତୁ ସେ ପିଲା ତ ସେମିତି ପୂର୍ବ ପରି ହେଇ ରହିଥାଏ। ନିନ୍ଦା କରିବାଟା ହେଉଛି ତାକୁ ବେଖାତିର କରିବା, ତା ପ୍ରତି ମନ ଧ୍ୟାନ ନ ଦେବା; ତା ଛଡ଼ା ଏମିତି ନିନ୍ଦା କରିବା ଦ୍ୱାରା ହୃଦୟଙ୍ଗମତା ରହିପାରେ ନାହିଁ।

ଜୀବନ ଚର୍ଚ୍ଚା - ୧ମ ରୁ ସଂଗୃହୀତ

**ପ୍ରକାଶ ପାଇଲା**



## 'କ୍ରିଷ୍ଣମୂର୍ତ୍ତିଙ୍କ ଜୀବନର ଶେଷ ଭାଷଣ'

**ପୃ : ୨୦୮, ମୂଲ୍ୟ : ୭୫.୦୦, ମୁଦ୍ରଣ : ପ୍ରଥମ**

୧୯୮୫ ମସିହା ନଭେମ୍ବର ମାସରେ କ୍ରିଷ୍ଣମୂର୍ତ୍ତି ଯେତେବେଳେ ଭାରତ ଆସିଥିଲେ ସେତେବେଳେ ତାଙ୍କୁ ୯୧ ବର୍ଷ ହେଇ ସାରିଥିଲା। ଜଣେ ବନ୍ଧୁଙ୍କ ଅନୁସାରେ ତାଙ୍କର ସେହି ଆଗମନ କେବଳ 'ଚିର ବିଦାୟ' ଜଣାଇବା ଲାଗି ଉଦ୍ଦିଷ୍ଟ ଥିଲା। ସେତେବେଳେ ଆପଣା ଅନ୍ତିମକାଳୀନ ଅସୁସ୍ଥତା ସତ୍ତ୍ୱେ ବାରାଣାସୀର ରାଜଘାଟ ସ୍କୁଲ୍, ଆନ୍ଧ୍ରପ୍ରଦେଶର ଋଷିଭାଲି ସ୍କୁଲ, ମାଡ୍ରାସର ବସନ୍ତ ବିହାର ପ୍ରଭୃତିକୁ ପରିଦର୍ଶନରେ ସେ ଯାଇଥିଲେ ଓ ସେଠାର ଜନସାଧାରଣଙ୍କୁ ଆପଣା କର୍ମମୟ ଜୀବନର ୬୦ ବର୍ଷ ବୟସ ବେଳେ ଯେଭଳି ଉତ୍ସାହ ଉଦ୍ଦୀପନା, ପ୍ରାଣପ୍ରାଚୁର୍ଯ୍ୟଭରା ଭାଷଣମାନ ଦେଉଥିଲେ ଓ ଆଲୋଚନା ସଭାମାନଙ୍କରେ ଯୋଗ ଦେଉଥିଲେ; ଠିକ୍ ସେହିପରି ଏବେ ସେ ଉତ୍ସାହ ଉଦ୍ଦୀପନା, ପ୍ରାଣପ୍ରାଚୁର୍ଯ୍ୟଭରା ଭାଷଣମାନ ଦେଇଥିଲେ ଓ ଆଲୋଚନା ସଭାମାନଙ୍କରେ ଯୋଗ ଦେଇଥିଲେ। ଜୀବନର ଅନ୍ତିମ ଭାଷଣ କାଳରେ ବସନ୍ତବିହାର ଠାରେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବା ଅବସରରେ ଜୀବନର ଆଦ୍ୟ ଉତ୍ସ ସମ୍ପର୍କରେ ଜିଜ୍ଞାସା କରିଥିଲେ ଓ କହିଥିଲେ ଯେ 'ସୃଷ୍ଟି ହେଉଛି ଏଭଳି କିଛି ଯାହା କି ସବୁଠାରୁ ବଳି ପୂତ ପବିତ୍ର, ଏହା ଜୀବନର ସବୁଠାରୁ ବଳି ଶୁଦ୍ଧପୂତ ଜିନିଷ। ତମେ ଯଦି ନିଜ ଜୀବନକୁ ବିଶୃଙ୍ଖଳାମୟ କରିଦେଇଛ ତେବେ ତାକୁ ବଦଳାଇ ଦିଅ। ଆଜି ହିଁ ତାକୁ ବଦଳାଇ ଦିଅ, କାଳିକୁ ନୁହେଁ।'

*"As long as I am quarrelling with my wife, I will quarrel with the rest of the world. If there is no order in my house, I create disorder in the world."*

**– J Krishnamurti**

*Published in January, May & September* Odia Periodical

*If undelivered, please return to:*

**Krishnamurti Foundation India Cuttack Centre,**
Purighat Road, Upper Telenga Bazar,
Cuttack-753 009. Odisha (INDIA)
Tel: (0671) 6417990, e-mail: jibanakatha@gmail.com
Website : www.kficc.org

Published by Saumitra Das on behalf of Cuttack Centre Krishnamurti Foundation India, Purighat Road, Upper Telenga Bazar, Cuttack-753 009. Printed by Graphic Art Offset Press, Nuapatna, Manglabag, Cuttack-1. Editor : Punya Prava Patnaik